# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 18 August – 2025

*********************************

## ମୁଖ୍ୟ ସମ୍ବାଦ

- ରାଜ୍ୟରେ ସେତୁବନ୍ଧ ଯୋଜନାରେ ୫୦୦ ସେତୁ ନିର୍ମାଣ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି; କହିଲେ ବିଭାଗୀୟ ମନ୍ତ୍ରୀ
- ଇଗ୍ନୋର ଡି.ଇ.ସି.ଇ.ର ପୁସ୍ତିକାକୁ ଓଡ଼ିଆ ଭାଷାରେ ଉନ୍ମୋଚନ କଲେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା
- ମାଲକାନଗିରିରେ ପ୍ରବଳ ବର୍ଷା ଯୋଗୁଁ ଆଜି ବନ୍ଦ ରହିଛି ସମସ୍ତ ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ର

ଏବଂ

- ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ

**HS**

# ସେତୁ ବନ୍ଧ ଯୋଜନା

ସେତୁ ବନ୍ଧ ଯୋଜନାରେ ରାଜ୍ୟରେ ୫୦୦ ସେତୁ ନିର୍ମାଣ କରିବାକୁ ସରକାର ଲକ୍ଷ୍ୟ ରଖିଛନ୍ତି ବୋଲି ଆଜି ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ସୂଚନା ଦେଇଛନ୍ତି। ଶ୍ରୀ ନାୟକ କହିଛନ୍ତି, ୨୦୩୬ ମସିହା ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ପାଇଁ ସରକାର ୩୦ରୁ ୪୦ ହଜାର କିଲୋମିଟର ରାସ୍ତା ନିର୍ମାଣ ପାଇଁ ଯୋଜନା ପ୍ରସ୍ତୁତ କରିଛନ୍ତି। ୨୦୨୯ ମସିହା ସୁଦ୍ଧା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି। ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୫ ହଜାର କିଲୋମିଟର ରାସ୍ତା ନିର୍ମାଣ ସହ ଚଳିତ ବର୍ଷ ଶେଷସୁଦ୍ଧା ୮ ହଜାର ୫୦୦ କିଲୋମିଟର ରାସ୍ତା ତିଆରି ପାଇଁ ବିଭାଗ ଲକ୍ଷ୍ୟ ରଖିଛି। ପ୍ରକଳ୍ପ କାର୍ଯ୍ୟ ଅନୁଧ୍ୟାନ କରି ମାସିକିଆ ରିପୋର୍ଟ ଦେବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ପ୍ରଥମ ପର୍ଯ୍ୟାୟରେ ୮ଟି ଜିଲ୍ଲାରେ ୨ ହଜାର କିଲୋମିଟର ରାସ୍ତା ତିଆରି ପାଇଁ କାର୍ଯ୍ୟଖସଡ଼ା ପ୍ରସ୍ତୁତ କରି କେନ୍ଦ୍ରକୁ ପଠାଯାଇଥିବା ମନ୍ତ୍ରୀ ଶ୍ରୀ ନାୟକ କହିଛନ୍ତି।

**BBSR/R**

# ଇଗ୍ନୋ

ଭୁବନେଶ୍ୱର ଲୋକସେବା ଭବନ ସମ୍ମିଳନୀ କକ୍ଷରେ ଆଜି ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ-ଇଗ୍ନୋର ପ୍ରାରମ୍ଭିକ ଶୈଶବ ଯତ୍ନ ଏବଂ ଶିକ୍ଷା ଡିପ୍ଲୋମା ପାଠ୍ୟକ୍ରମ– ଡି.ଇ.ସି.ଇ.ର ପୁସ୍ତିକା ଓଡ଼ିଆ ଭାଷାରେ ଉନ୍ମୋଚିତ ହୋଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କାର୍ଯ୍ୟକ୍ରମରେ ଯୋଗଦେଇ ପୁସ୍ତିକାର ଉନ୍ମୋଚନ କରିଛନ୍ତି। ପୂର୍ବରୁ ଇଗ୍ନୋର ବିଭିନ୍ନ ପାଠ୍ୟକ୍ରମକୁ ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ଇଗ୍ନୋ ଓ ଉଚ୍ଚଶିକ୍ଷା ବିଭାଗ ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ପୂର୍ବରୁ ଇଗ୍ନୋ ଦ୍ୱାରା ଏହି ପାଠ୍ୟକ୍ରମ ଇଂରାଜୀ, ହିନ୍ଦୀ ଓ ତାମିଲ ଭାଷାରେ ଶିକ୍ଷା ପ୍ରଦାନ କରାଯାଉଥିଲା। ବର୍ତ୍ତମାନ ଏହାକୁ ଓଡ଼ିଆ ଭାଷାରେ ମଧ୍ୟ ପ୍ରଦାନ କରାଯିବ। ଡି.ଇ.ସି.ଇ. ଏକ ବର୍ଷ ଅବଧି ବିଶିଷ୍ଟ ପାଠ୍ୟକ୍ରମ ହୋଇଥିବାବେଳେ ଶିକ୍ଷାର୍ଥୀମାନେ ପ୍ଲସ୍-ଟୁ'ପରେ ଇଗ୍ନୋରେ ଏଥିରେ ନାମ ଲେଖାଇପାରିବେ। ପାଠ୍ୟପୁସ୍ତକ ସହ ଶିକ୍ଷାର୍ଥୀମାନଙ୍କୁ ଅଡିଓ କ୍ୟାସେଟ୍ ଓ ଭିଡିଓ ଟ୍ୟୁଟୋରିଆଲ ମଧ୍ୟ ପ୍ରଦାନ କରାଯିବ। ପାଠ୍ୟକ୍ରମ ଦ୍ୱାରା ବିଶେଷଭାବେ ବାଲ ବାଟିକା ଓ ଅଙ୍ଗନବାଡ଼ିରେ କାର୍ଯ୍ୟରତ ପ୍ରଶିକ୍ଷକ ମାନେ ଉପକୃତ ହୋଇପାରିବେ ବୋଲି ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି।

***HS***

## ସହାୟତା ଘୋଷଣା

ଖୋର୍ଦ୍ଧା ଜିଲ୍ଲା ବାଲିଆପାଟଣାଠାରେ ବିଦ୍ୟୁତ ଆଘାତରେ ନାବାଳକଙ୍କ ମୃତ୍ୟୁ ହୋଇଛି । ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟକତମ ଆତ୍ମୀୟଙ୍କ ପାଇଁ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

*Malkangiri*

## ବାୟୁ ସ୍ୱାସ୍ଥ୍ୟ ସେବା

ମାଲକାନଗିରିରେ ଆଜିଠାରୁ ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଯୋଜନାରେ ରୋଗୀଙ୍କ ଚିକିତ୍ସା ଆରମ୍ଭ ହୋଇଛି । ୧୨ ଜଣ ବିଶେଷଜ୍ଞ ଡାକ୍ତରୀ ଦଳ ୪ ଦିନ ଧରି ରୋଗୀ ସେବା ଯୋଗାଇ ଦେବେ । କଟକର ଏସ୍‌ସିବି ମେଡିକାଲ କଲେଜ ଓ ଭୁବନେଶ୍ୱର କ୍ୟାପିଟାଲ ହସ୍‌ପିଟାଲର ୧୨ ଜଣିଆ ବିଶେଷଜ୍ଞ ଦଳ ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଅତ୍ୟାଧୁନିକ ଚିକିତ୍ସା ଯୋଗାଇ ଦେଉଛନ୍ତି ।

*Malkangiri/R*

## ମାଲକାନଗିରି- ବର୍ଷା

ମାଲକାନଗିରି ଜିଲ୍ଲାରେ ପ୍ରବଳ ବର୍ଷା ଯୋଗୁଁ ଜନଜୀବନ ପ୍ରଭାବିତ ହୋଇଛି । ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଆଜି ଜିଲ୍ଲାରେ ସମସ୍ତ ବିଦ୍ୟାଳୟ ଏବଂ ଅଙ୍ଗନବାଡ଼ି କେନ୍ଦ୍ରକୁ ଛୁଟି ଘୋଷଣା କରାଯାଇଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବିଡିଓ ଓ ତହସିଲଦାରମାନଙ୍କୁ ସଜାଗ ରହିବାକୁ କୁହାଯାଇଛି । ସେହିଭଳି ବନ୍ୟା ସ୍ଥିତିକୁ ଦୃଷ୍ଟିରେ ରଖି ଓଡ୍ରାଫ ଟିମ୍ ଏବଂ

ଅଗ୍ନିଶମ ବିଭାଗକୁ ପ୍ରସ୍ତୁତ ରହିବାକୁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ଏ ସମ୍ପର୍କରେ ଶୁଣନ୍ତୁ ଏକ ରିପୋର୍ଟ...

**- V/O –**

***Malkangiri/R/V***

## ଡକ୍ଟର ଚମ୍ପା

ପାଠପଢ଼ିବାର ଇଚ୍ଛାଶକ୍ତି ଏବଂ ଦୃଢ଼ ମନୋବଳ ଥିଲେ ଅନ୍ଧାରୀ ଇଲାକାରେ ମଧ୍ୟ ଜଣେ ଉଚ୍ଚଶିକ୍ଷିତ ହୋଇ ସମାଜ ପାଇଁ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇପାରିବ । ଏହା ପ୍ରମାଣିତ କରି ଦେଖାଇଛନ୍ତି ଆଦିମ ଜନଜାତି ଦିଦାୟୀ ସମ୍ପ୍ରଦାୟର ଚମ୍ପା ରାସପେଦା । ଆଦିମ ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଡାକ୍ତର ହେବେ ଚମ୍ପା । ମାଲକାନଗିରି ଜିଲ୍ଲା ସ୍ୱାଭିମାନ ଓ ବଣ୍ଡାଘାଟିର ପାଦଦେଶରେ ଥିବା ଆମ୍ଲିଗୁଡ଼ା ଗ୍ରାମର ଚମ୍ପା  ନିଟ୍ ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ପ୍ରଥମ ପ୍ରଚେଷ୍ଟାରେ ଏହି ସଫଳତା ହାସଲ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି ।

ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

ଇଚ୍ଛା ଥିଲେ ଉପାୟ ଆପେ ଆପେ ଆସେ । କଠିନ ପରିଶ୍ରମରେ ଅସମ୍ଭବକୁ ସମ୍ଭବ କରିହୁଏ ବୋଲି ମାଲକନାଗିରି ଜିଲ୍ଲାର ଚମ୍ପା ରାସପେଦା ପ୍ରମାଣିତ କରି ଦେଖାଇଛନ୍ତି । ଅନୁନ୍ନତ ଅପହଞ୍ଚ ଅଞ୍ଚଳର ଆଦିମ ଜନଜାତି ଦିଦାୟୀ ସମ୍ପ୍ରଦାୟର ପ୍ରଥମ ଝିଅ ଭାବେ ଚମ୍ପା ଡାକ୍ତର

ହେବେ। ପାଞ୍ଚ ବର୍ଷ ବୟସରେ ହଷ୍ଟେଲରେ ରହି ପାଠପଢ଼ିବା ସହ ପ୍ରତିଦିନ ୨୦ କିଲୋମିଟର ପାହାଡ଼ ଓହ୍ଲାଇବା ଓ ଚଢ଼ିବାକୁ ପଡୁଥିଲା। ସଂଘର୍ଷ ମଧ୍ୟରେ ଚମ୍ପା ଗୋବିନ୍ଦପାଲ୍ଲୀ ହାଇସ୍କୁଲରେ ଯୁକ୍ତ ଦୁଇ ଓ ବାଲିମେଳା କଲେଜରେ ଯୁକ୍ତ ୩ ବିଜ୍ଞାନରେ ଉତ୍ତୀର୍ଣ୍ଣ ହୋଇଥିଲେ। ଶିକ୍ଷକତା କରିବା ପାଇଁ ସିଟି ପରୀକ୍ଷାରେ ଆବେଦନ କରିଥିବା ସମୟରେ ପୂର୍ବତନ ଶିକ୍ଷକ ଉତ୍କଳକେଶରୀ ଦାସଙ୍କ ସହାୟତାରେ ସେ ନିଟ୍ ପାଇଁ ପଢ଼ିବା ଆରମ୍ଭ କରିଥିଲେ। ମାତ୍ର ୫ ମାସ କୋଚିଂ ନେବା ପରେ ପ୍ରଥମ ପ୍ରଚେଷ୍ଟାରେ ସେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ପରିବାରର ଆର୍ଥିକ ଅନଟନ ମଧ୍ୟରେ ମାଲକାନଗିରି ଜିଲ୍ଲାର ଚମ୍ପାଙ୍କ ଏହି ସଫଳତା ଆଜି ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଛି। ବିଦ୍ୟାଳୟର ଶିକ୍ଷକ ଉତ୍କଳକେଶରୀ ଦାସ ଓ ପିତା ଲାଛମୁ ରାସପେଦାଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଚମ୍ପା ପ୍ରତିକ୍ରିୟାରେ କହିଛନ୍ତି।

**- V/O -**

ସ୍ୱାଭିମାନ ଅଞ୍ଚଳ ଓ ବଣ୍ଡାଘାଟିରେ ଲୋକେ ବର୍ଷ ବର୍ଷ ଧରି ନିଜ ଅଞ୍ଚଳରେ ଡାକ୍ତର ଦେଖି ନ ଥିବା ବେଳେ ପ୍ରଥମଥର ପାଇଁ ନିଜ ସମ୍ପ୍ରଦାୟର ଝିଅ ଡାକ୍ତର ହେବା ପରେ ଗ୍ରାମବାସୀ ଓ ପରିବାର ଖୁସିରେ ଆତ୍ମବିଭୋର ହୋଇପଡ଼ିଛନ୍ତି। ଚମ୍ପାଙ୍କ ଆଗାମୀ ଜୀବନ ଉଜ୍ଜ୍ୱଳମୟ ହେଉ ଏତିକି କାମନା।

ଆକାଶବାଣୀ କଟକ ସମ୍ବାଦ ବିଭାଗ ପକ୍ଷରୁ ମୁଁ ସ୍ମୃତିରେଖା ତାରେଣିଆ

***Raygada***

## ଜନଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ବିଭିନ୍ନ ସ୍ଥାନରେ ଆଜି ଯୁଗ୍ମ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି ।

ରାୟଗଡ଼ା ଜିଲ୍ଲା ଚନ୍ଦ୍ରପୁର ବ୍ଲକ ସଦ୍‌ଭାବନା ସଭାଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଶିବିରରେ ୩୯ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା । ସମସ୍ତ ଅଭିଯୋଗକୁ ତ୍ୱରିତ ସମାଧାନ ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମକୁ ଆଜି ବନ୍ଦ ରଖାଯାଇଥିବା ନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।

***Desk***

## ମହାତ୍ମାଗାନ୍ଧୀ ୧୦୦ ବର୍ଷ ପୂର୍ତ୍ତି

ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଦ୍ୱିତୀୟଥର ଓଡ଼ିଶା ଆଗମନକୁ ଆସନ୍ତାକାଲି ୧୦୦ ବର୍ଷ ପୂରଣ ହେଉଛି । ଏହି ଶତବାର୍ଷିକୀ ସ୍ମୃତିରେ କଟକରେ ବିଭିନ୍ନ ପ୍ରତିଷ୍ଠାନ ପକ୍ଷରୁ ଆସନ୍ତାକାଲି କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହେବ । ଆସନ୍ତା ୨୦ ତାରିଖ ଦିନ ଐତିହାସିକ ସମାଜ ଆଶ୍ରମ ପରିସରରେ ସର୍ବଧର୍ମ ପ୍ରାର୍ଥନାସଭା ଓ ଚରଖା ପ୍ରଦର୍ଶନୀ ସହ ଏକ

ପଦଯାତ୍ରା ଅନୁଷ୍ଠିତ ହେବ। ଏହି ପଦଯାତ୍ରା ମ୍ୟୁନିସିପାଲଟି ପଡ଼ିଆ ମଧ୍ୟ ଦେଇ ନେତାଜୀ ସୁବାଷଙ୍କ ବାସଭବନରେ ପହଁଞ୍ଚିବ। ଏନେଇ ବିଭିନ୍ନ କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥାମାନ କରାଯାଉଛି।

***Puri***

# ଶ୍ରୀଜୀଉଙ୍କ ବନଭୋଜି ବେଶ

ପୁରୀ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କର ଆଜି ବନଭୋଜି ବେଶ ଅନୁଷ୍ଠିତ ହେବ । ଶୀକୃଷ୍ଣଙ୍କ ଜନ୍ମ ଓ ନନ୍ଦୋତ୍ସବ ନୀତି ସମ୍ପନ୍ନ ପରେ ଏବେ ଶ୍ରୀମନ୍ଦିରରେ ଶ୍ରୀକୃଷ୍ଣ ଲୀଳା ଆରମ୍ଭ ହେଉଛି । ଏହି ବେଶରେ ଠାକୁରଙ୍କୁ ପ୍ରାୟ ୧୮ ପ୍ରକାର ସ୍ୱର୍ଣ୍ଣ ଅଳଙ୍କାରରେ ବିମଣ୍ଡିତ କରାଯାଇଥାଏ ।

***MET***

# ପାଣିପାଗ

ପଶ୍ଚିମ କେନ୍ଦ୍ରୀୟ ଓ ଏହାର ପାର୍ଶ୍ୱବର୍ତ୍ତୀ ଉତ୍ତର-ପଶ୍ଚିମ ବଙ୍ଗୋପ ସାଗର, ଉତ୍ତର-ଆନ୍ଧ୍ରପ୍ରଦେଶ ଓ ଦକ୍ଷିଣ-ଉପକୂଳ ଓଡ଼ିଶାରେ ସୃଷ୍ଟ ଲଘୁଚାପ କ୍ଷେତ୍ର ଆଜି ସ୍ୱଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ରରେ ପରିଣତ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ, ଏହାର ପ୍ରଭାବରେ ଆସନ୍ତା ୨୪ଘଣ୍ଟା ମଧ୍ୟରେ ପ୍ରାୟ ସମସ୍ତ ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି।

***Desk***

# ହକି ଚମ୍ପିଆନସିପ୍

ପଞ୍ଜାବର ଜଲନ୍ଧରଠାରେ ଚାଲିଥିବା ୧୫ତମ ଜାତୀୟ ଜୁନିୟର ପୁରୁଷ ହକି ଚମ୍ପିଆନସିପ୍ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଡିଭିଜନ-ଏ ମ୍ୟାଚ୍‌ରେ ଓଡ଼ିଶା ୨-୧ ଗୋଲ୍‌ରେ କର୍ଣ୍ଣାଟକକୁ ପରାସ୍ତ କରିଛି । ଦ୍ୱିତୀୟାର୍ଦ୍ଧରେ ଓଡ଼ିଶା ପ୍ରଭାବି ପ୍ରଦର୍ଶନ ମାଧ୍ୟମରେ ସଫଳ ପ୍ରତ୍ୟାବର୍ତ୍ତନ କରିଥିଲା । ରିତିକ ଲାକ୍ରା ଗୋଲଟି କରିଦେବା ପରେ ୫୧ତମ ମିନିଟ୍‌ରେ ଆଜାଲ ଖେସ୍ ଗୋଲ୍ ଦେଇଥିଲେ । ଫଳରେ ଓଡ଼ିଶାକୁ ୩ ପଏଣ୍ଟ ମିଳିଛି । ଚମତ୍କାର ପ୍ରଦର୍ଶନ ପାଇଁ ରିତିକ ଲାକ୍ରା ପ୍ଲେୟାର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି ।